ଶ୍ୟାମ ବାହାଦୁର ତ୍ରିପାଠୀ

ବନାମ

ୟୁ.ପି. ରାଜ୍ୟ ଲୋକ ସେବା ନ୍ୟାୟାଧିକରଣ ଏବଂ ଅନ୍ୟମାନେ

ସେପ୍ଟେମ୍ବର 4, 1996

[କେ. ରାମାସ୍ୱାମୀ ଏବଂ ଫୈଜାନ ଉଦ୍ଦିନ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଅସଦାଚରଣ ଆରୋପରେ ସେବାରୁ ଅପସାରଣ – ବସ୍ କଣ୍ଡକ୍ଟର ଅନେକ ଯାତ୍ରୀଙ୍କୁ ଟିକଟ ପ୍ରଦାନ କରିନଥିଲେ – ଦୋଷାରୋପ କରାଯାଇଥିଲା – ତଦନ୍ତ ସ୍ୱାଧୀନ ସଂସ୍ଥାରୁ ଜଣେ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା – ତଦନ୍ତ ବ୍ୟର୍ଥ ହୋଇଛି କି ନାହିଁ – ଦର୍ଶାଯାଇଛି : ନା – ତଦନ୍ତ ଅଧିକାରୀ ବିସ୍ତୃତ ବିବୃତି ଉପସ୍ଥାପନା କରିଥିଲେ – କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା ଏବଂ କର୍ମଚାରୀଙ୍କ ଦ୍ୱାରା ସ୍ପଷ୍ଟୀକରଣ ଉପସ୍ଥାପନା କରାଯାଇଥିଲା – କେବଳ ତା'ପରେ ଅପସାରଣ ଆଦେଶ ପାରିତ କରାଯାଇଥିଲା ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16793/1996 ।

ସି.ଏମ୍.ଡବ୍ଲ୍ୟୁ.ପି. ସଂଖ୍ୟା 5641/1996 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 13.2.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅଧିବକ୍ତାମାନେ ଆର୍.ଡି. ଉପାଧ୍ୟାୟ ଏବଂ ଗିରିଧର ଜି. ଉପାଧ୍ୟାୟ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ସାର୍ବଜନୀନ ନିଗମ ଚଳାଇବାରେ ବିପୁଳ ଦୁର୍ନୀତିରେ କୁଖ୍ୟାତିର ଏହା ହେଉଛି ଏକ ଆଦର୍ଶ ଉଦାହରଣ । ଆବେଦନକାରୀ ଜଣେ କଣ୍ଡକ୍ଟର ଥିଲେ । ସେ ୟୁ.ପି. ସଡ଼କ ପରିବହନ ନିଗମ ବସ୍‌ରେ କର୍ତ୍ତବ୍ୟ କରୁଥିବା ସମୟରେ 34 ଜଣ ଯାତ୍ରୀଙ୍କୁ ଟିକଟ ପ୍ରଦାନ ନକରିଥିବାରୁ ତାଙ୍କୁ ଆରୋପିତ କରାଯାଇଥିଲା । ଯେତେବେଳେ ତଦାରଖ ନିରୀକ୍ଷକ ଗାଡ଼ିକୁ ଅଟକାଇବା ପାଇଁ ସଙ୍କେତ ଦେଲେ, ବସ୍ ଅଟକିଲା ନାହିଁ, ଶେଷରେ, ଗାଡ଼ିଟି 220 ଗଜ ଦୂରରେ ଅଟକିଗଲା । ଯେତେବେଳେ ଏହାକୁ ଯାଞ୍ଚ କରାଯାଇଥିଲା, ଏହା ଜଣାପଡ଼ିଥିଲା ଯେ, ଆବେଦନକାରୀ 53 ଜଣଙ୍କ ମଧ୍ୟରୁ କେବଳ 19 ଜଣ ଯାତ୍ରୀଙ୍କୁ

ଟିକଟ ଦେଇଥିଲେ ଏବଂ 34 ଜଣ ଯାତ୍ରୀ ଯାତ୍ରା କରୁଥିଲେ କାରଣ ସେମାନଙ୍କୁ କୌଣସି ଟିକଟ ଦିଆଯାଇ ନଥିଲା । ଫଳସ୍ୱରୂପ, ଆବେଦନକାରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଦୋଷାରୋପ ଫର୍ଦ୍ଦ ଦିଆଯାଇଥିଲା ଏବଂ ସେ ଏହି ଆରୋପରେ ଦୋଷୀ ବୋଲି ଜଣାପଡ଼ିବା ପରେ ତାଙ୍କୁ ଡିସେମ୍ବର ୫,୧୯୮୨ ରେ ସେବାରୁ ଅପସାରଣ କରି ଦିଆଯାଇଥିଲା । ଅପିଲରେ ଅପସାରଣ ଆଦେଶକୁ ନିଶ୍ଚିତ କରାଯାଇଥିଲା । ସେବା ନ୍ୟାୟାଧିକରଣ ଏହି ଆବେଦନକୁ ଖାରଜ କରିଦେଇଥିଲେ ଏବଂ ଡବ୍ଲ୍ୟୁ.ପି. ସଂଖ୍ୟା 5641/96 ରେ ତା ଫେବୃଆରୀ 13, 1996 ରେ ଦିଆଯାଇଥିବା ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ *ପ୍ରାରମ୍ଭରେ* ଖାରଜ କରିଦେଇଥିଲେ । ତେଣୁ ଏହି ବିଶେଷ ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ଶ୍ରୀ ଉପାଧ୍ୟାୟ, ଯୁକ୍ତି ବାଢ଼ିଥିଲେ ଯେ, ଆବେଦନକାରୀଙ୍କ ବିରୋଧରେ ତଦନ୍ତ ପରିଚାଳନା କରିବାରେ ବିଭାଗୀୟ ନିର୍ଦ୍ଦେଶାବଳୀର ଘୋର ଉଲ୍ଲଂଘନ ହୋଇଛି । ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ, ଅବସରପ୍ରାପ୍ତ ନ୍ୟାୟିକ ଅଧିକାରୀଙ୍କ ପରି ବିଭାଗୀୟ ତଦନ୍ତକୁ ସ୍ୱାଧୀନ ସଂସ୍ଥାମାନଙ୍କୁ ହସ୍ତାନ୍ତର କରିବାକୁ ନିଗମ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା । ନିରପେକ୍ଷ ଅଧିକାରୀଙ୍କ ସମ୍ମୁଖରେ ତଦନ୍ତ ବିଚାରାଧୀନ ଥିବାବେଳେ, ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ବିପରୀତ, ଏହାକୁ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ତେଣୁ, ଏହା ବିଭାଗୀୟ ସର୍ତ୍ତାବଳୀ ଏବଂ ପ୍ରାକୃତିକ ନ୍ୟାୟ ଏବଂ ନିଷ୍ପକ୍ଷ ବ୍ୟବହାରର ଉଲ୍ଲଂଘନ କରୁଛି । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ । ଏହି ନିର୍ଦ୍ଦେଶାବଳୀ କେବଳ କର୍ତ୍ତୃପକ୍ଷମାନଙ୍କ ପାଇଁ ଉପଯୁକ୍ତ ପଥ ପ୍ରଦର୍ଶକ । ଏହା ଏକ ଉପଯୁକ୍ତ ମାମଲା, ଯେଉଁଠାରେ ସେମାନଙ୍କର ନିଜ ବିଭାଗର ଜଣେ ଅଧିକାରୀଙ୍କୁ ତଦନ୍ତ ନ୍ୟସ୍ତ କରିବାର କ୍ଷମତା ପ୍ରୟୋଗ କରାଯାଇଛି । ତେଣୁ, ବିଭାଗର ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରିଚାଳନା ଆଇନର କୌଣସି ତ୍ରୁଟି ଦ୍ୱାରା ପ୍ରଭାବିତ ନୁହେଁ କିମ୍ବା ଏହା ନ୍ୟାୟସଙ୍ଗତ ସିଦ୍ଧାନ୍ତର ଉଲ୍ଲଂଘନ ନୁହେଁ ।

ତା'ପରେ ଏହା ଯୁକ୍ତି କରାଯାଏ ଯେ, ଆକ୍ଷେପିତ ଆଦେଶ ଏକ ବିସ୍ତୃତ ବ୍ୟାଖ୍ୟା ଆଦେଶ ନୁହେଁ; ତେଣୁ, ଏହା ଆଇନଗତ ତ୍ରୁଟି ଦ୍ୱାରା ଦୂଷିତ ହୋଇଥାଏ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ । ତଦନ୍ତ ଅଧିକାରୀ ବିବୃତି ସହିତ ବିସ୍ତୃତ ବିବୃତି ଉପସ୍ଥାପନା କରିଥିଲେ ଏବଂ ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ଆବେଦନକାରୀ ନିଜର ସ୍ପଷ୍ଟୀକରଣ ମଧ୍ୟ ଉପସ୍ଥାପନା କରିଛନ୍ତି । ଅପସାରଣ ଆଦେଶ ପାରିତ ହୋଇଥିଲା, ଏହାର ଏକ ବିଚାର ଅଟେ । ଏହି ପରିସ୍ଥିତିଗୁଡ଼ିକ ଅଧୀନରେ, ସିଦ୍ଧାନ୍ତର ସମର୍ଥନରେ ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ବିସ୍ତୃତ ତର୍କ ଦେବା ଆବଶ୍ୟକ ନଥିଲା ଯେ, ଆବେଦନକାରୀ ଅସଦାଚରଣ ଆରୋପରେ ଦୋଷୀ ଅଟନ୍ତି ।

ତଦନୁସାରେ ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଛି ।

ଜି.ଏନ୍.                                                  ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**